# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14th September – 2025**

**News Editor : Itishree Singh Rathaur**

***********************************

## ମୁଖ୍ୟ ସମ୍ବାଦ

- ଝାରସୁଗୁଡ଼ା ଜିଲ୍ଲାର ୧୬ଟି ପଞ୍ଚାୟତରେ 'ହର ଘର ନଲ' ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କଲେ ରାଜସ୍ୱ ମନ୍ତ୍ରୀ
- ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

— ସମ୍ବଲପୁରରେ ଅନୁଷ୍ଠିତ ହେଲା 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ

- ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ହିନ୍ଦୀ ଦିବସ

ଏବଂ

- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହେଲା ଷୋଡଶ ଉପଚାର ପୂଜା

## ହର ଘର ନଳ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍‌ର ୧୬ଟି ପଂଚାୟତରେ **'ହର ଘର ନଳ'** ଯୋଜନା ଅନ୍ତର୍ଗତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ୧୦୯ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ୧୪ ହଜାର ୮୮୧ ଟି ପରିବାର ଉପକୃତ ହୋଇପାରିବେ । ସେହିପରି ମନ୍ତ୍ରୀ ଶ୍ରୀ ପୂଜାରୀ ବ୍ରଜରାଜନଗରରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟ୍ଟକଳରେ ନବନିର୍ମିତ ରାସ୍ତାର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି **ସମ୍ବଲପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର' ବୈଠକରେ ଯୋଗଦେଇ ଗ୍ରାମାଞ୍ଚଳରେ ନାଗରିକଙ୍କ ବିଭିନ୍ନ ମୌଳିକ ସୁବିଧା ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ସଶକ୍ତ କରିବା, ପିଏମ୍ ସ୍ୱନିଧି ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆତ୍ମନିର୍ଭର କରିବା ଆଦି ପ୍ରସଙ୍ଗ ଉପରେ ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ସମ୍ବଲପୁରରେ ଥିବା ସମ୍ଭାବନା, ଭିତ୍ତିଭୂମି, ଉତ୍ପାଦନ ଓ ବଜାରକୁ ଦୃଷ୍ଟିରେ ରଖି ସମ୍ବଲପୁରୀ ବ୍ରାଣ୍ଡକୁ ଆଗକୁ ନେବା ସରକାରଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

# ଆସ ସ୍କୁଲ ଯିବା

କେନ୍ଦ୍ର ସରକାର ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ପାଇଁ ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। **ସମ୍ବଲପୁର** ସହରରେ 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବା ଏବଂ ମାତୃଭାଷାରେ ଶିକ୍ଷା ପ୍ରଦାନ ନେଇ ଗୁରୁତ୍ୱ ଦିଆଯାଇଛି। ଉଲ୍ଲାସ-ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ୧୫ ବର୍ଷ ବୟସରୁ ଅଧିକ ନିରକ୍ଷର ଥିବା ଲୋକଙ୍କୁ ସାକ୍ଷର କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଯୋଗଦେଇଥିଲେ। ରାଜ୍ୟରେ ସ୍କୁଲ ଯାଉଥିବା ପିଲାମାନଙ୍କ ସଂଖ୍ୟା ସମ୍ବଲପୁରରେ ଅଧିକ। ସମ୍ବଲପୁରରେ ୩ ହଜାର ପିଲା ଅଧାରୁ ପାଠ ଛାଡୁଥିବା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଆଧାରରେ ଆମ ସମ୍ବାଦାତା ଜଣାଇଛନ୍ତି। ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୬ହଜାର ପିଲା ଥିବା ଜଣାପଡିଛି। ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ଶିକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଆସ ସ୍କୁଲ ଯିବା-ଭଦ୍ରକ

**ଭଦ୍ରକ** ଜିଲ୍ଲା ବଁନ୍ତ ବ୍ଲକ୍ କାଦବରାଙ୍ଗ ସଂଯୁକ୍ତ ଉଚ୍ଚମାଧମିକ ବିଦ୍ୟାଳୟ ପକ୍ଷରୁ 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶତାଧିକ ଛାତ୍ରଛାତ୍ରୀ ପ୍ଲା-କାର୍ଡ ଧରି ନଗର ପରିକ୍ରମା କରିବା ସହ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଆସି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

## ସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ରାମଗିରି ପଂଚାୟତ ହାଟପଦାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ପ୍ରାଥମିକ ବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା ।  ବିଦ୍ୟାଳୟକୁ ଯାଇ ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଘର ଘର ବୁଲି ଏକ ସର୍ବେକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା ।

## ହିନ୍ଦୀ ଦିବସ

ସାରା ଦେଶରେ ଆଜି ହିନ୍ଦୀ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀ ଭାଷାକୁ ଦେଶର ରାଜଭାଷା ବା ସରକାରୀ ଭାଷା ଭାବରେ ଗ୍ରହଣ କରିଥିଲା । ଆଜିର ସମୟରେ ବିଶ୍ୱର ବହୁଳ ଭାବରେ କଥିତ ଭାଷା ମଧ୍ୟରୁ ହିନ୍ଦୀ ଗୋଟିଏ ଲୋକପ୍ରିୟ ଭାଷା ପାଲଟିଛି ଏବଂ ୫୨କୋଟିରୁ ଅଧିକ ଲୋକ ଏହାକୁ ପ୍ରଥମ ଭାଷା ରୂପେ ବ୍ୟବହାର କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ  ଶ୍ରୀ ମୋଦୀ କହିଛନ୍ତି ହିନ୍ଦୀ ଭାଷା କେବଳ ଏକ ଭାବ ଆଦାନ ପ୍ରଦାନର ମାଧ୍ୟମ ନୁହେଁ ବରଂ

ଭାରତୀୟ ସମୃଦ୍ଧ ଐତିହ୍ୟର ପରିଚୟ ଓ ମୂଲ୍ୟବୋଧକୁ ବହନ କରେ । ହିନ୍ଦୀ ଭାଷା ଆମ ପାଇଁ ଖୁବ୍ ଗର୍ବ ଏବଂ ଗୌରବର ବିଷୟ, ଯାହାକି ଆମକୁ ଦେଶ ଗଠନରେ ଅନୁପ୍ରେରିତ କରିଥାଏ ।

# ଜିଏସ୍‌ଟି ରିଫର୍ମସ ହେଲ୍‌ଥ କେୟାର

ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ହ୍ରାସ କରାଯାଇ ନିମ୍ନ ଏବଂ ମଧ୍ୟମିତ୍ତ ପରିବାର ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ନେଇ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଦ୍ରବ୍ୟ ଓ ସେବାକରରେ ହ୍ରାସ କରାଯାଇଛି । ପୂର୍ବରୁ ସ୍ୱାସ୍ଥ୍ୟ ଏବଂ ଜୀବନବୀମା ପ୍ରିମିୟମ ପ୍ରଦାନ କ୍ଷେତ୍ରରେ ଜିଏସ୍‌ଟି ହାର ୧୮ ଥିଲା। ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଛି । ସେହିପରି ୩୬ଟି ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ଉପରେ କରମୁକ୍ତ କରାଯାଇଛି । ଫଳରେ କର୍କଟ ଚିକିତ୍ସା ଏବଂ ଦୀର୍ଘଦିନ ଧରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ଚିକିତ୍ସା କ୍ଷେତ୍ରରେ ସହାୟକ ହୋଇପାରିବ । ଏଥିସହିତ ବିଭିନ୍ନ ଔଷଧ ଏବଂ ଗଜ୍, ବ୍ୟାଣ୍ଡେଜ୍, ରୋଗ ନିର୍ଦ୍ଧାରଣ କିଟ୍, ଗ୍ଲୁକୋମିଟର୍ସ, ଥର୍ମୋମିଟର ଭଳି ଚିକିତ୍ସା ଉପକରଣ ଉପରେ କର ପରିମାଣ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଜିଏସ୍‌ଟି ସଂସ୍କାର ସମ୍ପର୍କରେ ସମ୍ବଲପୁରର ବ୍ୟବସାୟୀ **ପରାଗ ଅଗ୍ରୱାଲ** କହିଛନ୍ତି....

**- V/O –**

# ଦୁର୍ଗାପୂଜା

ଶାରଦୀୟ ଦୁର୍ଗାପୂଜା ପାଇଁ ଆଜିଠାରୁ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଷୋଡଶ ଦିନାତ୍ମକ ପୂଜା ଉପଚାର ଆରମ୍ଭ ହୋଇଛି। ପୁରୀର ଅଧିଷ୍ଠିତ ଅଷ୍ଟଚଣ୍ଡୀଙ୍କଠାରୁ ଯାଜପୁରର ବିରଜା, କଟକର କଟକଚଣ୍ଡୀ ଓ ଗଡଚଣ୍ଡୀ, କାକଟପୁର ମଙ୍ଗଳା ଓ ଜଗତସିଂହପୁରରେ ବିରାଜିତ ମା' ଶାରଳାଙ୍କ ପୀଠରେ ଘଟ ସ୍ଥାପନା ସହ ସ୍ୱତନ୍ତ୍ର ପୂଜା ନୀତି ଆରମ୍ଭ ହୋଇଛି।

ଶ୍ରୀକ୍ଷେତ୍ର ପୁରୀରେ ଗଜପତିଙ୍କ ଶ୍ରୀନଅରରେ ରାଜଗୁରୁ ବ୍ରାହ୍ମଣମାନଙ୍କୁ ବରଣ କରି ଦୁର୍ଗାପୂଜାର ଶୁଭାରମ୍ଭ କରିଛନ୍ତି। ଗଜପତି ମହାରାଜଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ଓ ନଡ଼ିଆ ରାଜଗୁରୁ ପୁରୋହିତଙ୍କୁ ପ୍ରଦାନ କରାଯାଇ ଷୋଳପୂଜା ବିଧି ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ଶକ୍ତିପୀଠଗୁଡ଼ିକରେ ଷୋଳପୂଜା ପାଇଁ ଆଚାର୍ଯ୍ୟ ବରଣ କାର୍ଯ୍ୟ କରାଯାଇଛି। ଗଜପତିଙ୍କ ନିର୍ଦ୍ଦେଶକ୍ରମେ ରାଜଗୁରୁ' ଶ୍ରୋତ୍ରୀୟ ବ୍ରାହ୍ମଣ, ମୁକ୍ତି ମଣ୍ଡଳ ଏବଂ ଶାସନ ବ୍ରାହ୍ମଣଙ୍କୁ ବରଣ କରିବା ସହ ବସ୍ତ୍ରଦାନ କରି ବିଭିନ୍ନ ପୀଠରେ ନିଯୁକ୍ତି କରିଛନ୍ତି। ଆଶ୍ୱିନମାସ କୃଷ୍ଣପକ୍ଷଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଏହି ପୂଜାର୍ଚ୍ଚନା କରାଯିବ। ଶ୍ରୀମନ୍ଦିରରେ ମା ବିମଳାଙ୍କ ପୀଠରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ଷୋଡଶପୂଜା ବିଧି ଆରମ୍ଭ ହୋଇଛି।

ଶ୍ରୀମନ୍ଦିର ପରିସରରେ ଥିବା ଭୁବନେଶ୍ୱରୀ, ବଟମଙ୍ଗଳା, ଉତ୍ତରାୟଣୀ ପୀଠ ସହ ଦକ୍ଷିଣ କାଳୀ, ଅଲାମଚଣ୍ଡୀ ଓ ପଞ୍ଚମୁଖୀ ପୀଠରେ ଷୋଳପୂଜା ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ନୀତି ପରେ ଭଣ୍ଡାର

ଘରୁ ମା' ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ରତ୍ନସିଂହାସନରେ ବିଜେ କରାଯାଇ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଛି।

**ନୟାଗଡ଼** ଜିଲ୍ଲା କଣ୍ଟିଲୋ ନୀଳମାଧବଙ୍କ ପୀଠରେ ଷୋଡଶ ଦିନାତ୍ମକ ଦୁର୍ଗାମାଧବ ପୂଜା ଆରମ୍ଭ ହୋଇଛି। ନୀଳମାଧବଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କୁ ସହସ୍ର କୁମ୍ଭରେ ମହାସ୍ନାନ କରାଯିବା ସହ ଖଣ୍ଡା ପୂଜା ଅନୁଷ୍ଠିତ ହୋଇଛି। ସେହିପରି ଖଣ୍ଡପଡ଼ା, ରଣପୁର ଆଦି ବିଭିନ୍ନ ସ୍ଥାନର ଶକ୍ତିପୀଠଗୁଡ଼ିକରେ ଏହି ଷୋଳ ପୂଜା ଆରମ୍ଭ ହୋଇଛି।

**ବୌଦ୍ଧ** ଜିଲ୍ଲାର ଶକ୍ତିପୀଠ ପୁରୁଣା କଟକଠାରେ ମା' ଭୈରବୀଙ୍କ ଷୋଳପୂଜା ନୀତି ସହ ଖଣ୍ଡାବସା ପର୍ବ ଆରମ୍ଭ ହୋଇଛି। ଏହି ସମୟରେ ଭକ୍ତମାନଙ୍କ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥାଏ। ମହାନବମୀ ଦିନ ଦେବୀଙ୍କ ନିକଟରେ ନବାନ୍ନ ଲାଗି କରାଯାଇଥାଏ।

**ସୁବର୍ଣ୍ଣପୁର** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀ ଏବଂ ଅନ୍ୟାନ୍ୟ ଦେବୀପୀଠଗୁଡ଼ିକରେ ଆଜିଠାରୁ ଷୋଳପୂଜା ଆରମ୍ଭ ହୋଇଛି।

## ସୁସ୍ଥ ନାରୀ ସଶକ୍ତ ପରିବାର

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ନାରୀମାନଙ୍କୁ ସଶକ୍ତ କରାଯିବ। ଅଭିଯାନ ଅଧୀନରେ ସବୁ ବର୍ଗର ମହିଳା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଚିକିତ୍ସାକେନ୍ଦ୍ରଗୁଡ଼ିକରେ ସଂକ୍ରାମକ ଓ

ଅଣସଂକ୍ରାମକ ରୋଗର ପରୀକ୍ଷା କରାଇ ଚିକିତ୍ସା ସୁବିଧା ଉପଲବ୍ଧ କରାଇବେ ।

ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି ଏହି ସୁବିଧା ପାଇ ଇଚ୍ଛୁକ ହିତାଧିକାରୀ ନିଜ ସହ ଆଧାରକାର୍ଡ କିମ୍ବା ଆଭା ଆଇଡି ନିଜ ସହିତ ଆଣିବେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶ ଇନ୍ଦୋରଠାରେ ଆସନ୍ତା ୧୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

## ପୁଅ ଜିଉଁତିଆ

ପଶ୍ଚିମ ଓଡ଼ିଶାର ଅନନ୍ୟ ପର୍ବ ପୁଅ ଜିଉଁତିଆ ଓଷା ତଥା ଦ୍ୱିତୀବାମନଙ୍କ ପୂଜା **ସୁବର୍ଣ୍ଣପୁର, ଦେବଗଡ଼** ଓ **ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି । ସନ୍ତାନ ସନ୍ତତିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ମା' ମାନେ ଏହି ଓଷା କରିଥାନ୍ତି ।

## ଦିବ୍ୟାଙ୍ଗ ବୈଠକ

**ବଲାଙ୍ଗିର** ଜିଲ୍ଲା ପାଟଣାଗଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଦିବ୍ୟାଙ୍ଗମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସକ୍ଷମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦିବ୍ୟାଙ୍ଗମାନଙ୍କର ଉନ୍ନତି, ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଶ୍ରମିକ ଶିବିର

**ଗଜପତି** ଜିଲ୍ଲା ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ପାଇକ ଅନ୍ତରଡା ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର  ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ ଆଇନ୍ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା** ଜିଲ୍ଲା ପଦ୍ମପୁର ଆର.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାମାଜିକ ଗଣମାଧ୍ୟମ ଓ ସାଇବର ଆଇନ୍ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗୁଣୁପୁର ତାଲୁକସ୍ତରୀୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣୀ ଆସନ୍ତାକାଲି ବନ୍ଦ ରହିବ । ଶୁଣାଣୀର ପରବର୍ତ୍ତୀ ତାରିଖ ବିଷୟରେ ପୂର୍ବରୁ ସୂଚନା ଦିଆଯିବ ବୋଲି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ

ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************